# Akashvani, Sambalpur

# SAMBALPURI NEWS BULLETIN

## 6 November 2024- 6.47- 6.52 am.

****************************************

ମୁଖ୍ୟମନ୍ତ୍ରୀ-ଚାଉଲ୍        ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାଧାରଣ ବଂଟନ୍ ବ୍ୟବସ୍ଥା ହିତାଧିକାରୀମାନ୍କୁ ୩ ମାସର୍ ଆଗୁଆ ଚାଉଲ୍ ଦେବାର୍କେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍କେ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ସାଧାରଣ ବଂଟନ୍ ବ୍ୟବସ୍ଥାର୍ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବ୍ତକ୍ ଚାଉଲ୍ ନାଇଁ ପାଇଥିବା ୪୦ ଲାଖ୍ ପରିବାର୍କେ ଜଲ୍ଦି ଚାଉଲ୍ ଦେବାର୍କେ ପରାମର୍ଶ ଦେଇଛନ୍ । ଇ-ଶ୍ରମିକ୍ ହିସାବେ ପଞ୍ଜିକରଣ୍ କରିଥିବା ଶ୍ରମିକ୍ମାନ୍କୁ ସାଧାରଣ ବଂଟନ୍ ବ୍ୟବସ୍ଥାଥି ସାମିଲ୍ କର୍ବାର୍କେ ପଦକ୍ଷେପ୍ ନିଆଯାଉଛେ ବଲି ବୈଠକ୍ ସୂତ୍ରନୁ ଜନାପଡ଼ିଛେ । ପଞ୍ଜିକୃତ ହେଇକରି ବାକିଥିବା ୧ ଲାଖ୍ ୩୧ ହଜାର୍ ଶ୍ରମିକମାନ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍ନାଥି ଜଲ୍ଦି ସାମିଲ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଅଲ୍ଗା ରାଏଜେ ରହୁଥିବା ଇ-କେଓ୍ୱାଇସି

ବ୍ୟବସ୍ଥାକେ ତ୍ୱରାନ୍ୱିତ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ଇତାର୍‌ଛଡ଼ା ବୈଠକ୍‌ଥି 'ୱାନ୍ ନେସନ୍ ୱାନ୍ ରାସନ୍' ବ୍ୟବସ୍ଥା ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ମୁଖ୍ୟ ଶାସନ୍ ସଚିବ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସଚିବ ସ୍ତରୀୟ ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଶ୍ରୀ ଆହୁଜା ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ଉନ୍ନୟନ୍‌ମୂଲକ୍ ଯୋଜ୍‌ନାର୍ ସଫଲ୍ କାର୍ଯ୍ୟକାରିତା ଲାଗି ସଚିବ ମାନେ ନିୟମିତ ସମୀକ୍ଷା ଆର୍ ତଦାରକ୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ । ବୈଠକ୍‌ଥି ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍‌ର ଅଗ୍ରଗତି ବାବ୍‌ଦେ ଜୋର୍ ଦେବାର୍ ସହେତେ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ବଜେଟ୍ ଅନୁମୋଦନ୍ ଅନ୍‌ସାରେ କାର୍ଯ୍ୟକ୍ରମ୍ ଖର୍ଚ୍ଚ ତ୍ୱରାନ୍ୱିତ୍ କର୍‌ବାର୍‌କେ ଶ୍ରୀ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା କେନ୍ଦ୍ରୀୟ ଅନୁଦାନ୍‌ଥି କାର୍ଯ୍ୟକାରିତା ଆଉ ଖର୍ଚ୍ଚା ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

# ଆନ୍ତର୍ଜାତୀୟ ଶ୍ରୀଅନ୍ନ, ବିସ୍ମୃତ ଖାଦ୍ୟ ସମ୍ମିଳନୀ

ଆର୍‌ଏନ୍‌ୟୁ /ସମ୍ବଲପୁର

କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତରଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏବା ୧୦ ଆଉ ୧୧ ତାରିଖ୍ ଦୁଇ ଦିନ୍ ଆନ୍ତର୍ଜାତୀୟ ଶ୍ରୀଅନ୍ନ ଆଉ ପାରମ୍ପାରିକ ହଜି ଯାଉଥିବା ଖାଦ୍ୟ ସମ୍ମିଳନୀ ଆୟୋଜନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ସେ କହିଛନ୍ ଯେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଇଥି ଓଡ଼ିଶାର୍ ଶ୍ରୀଅନ୍ନ ଆଉ ଐତିହ୍ୟ ଶୀର୍ଷକ୍ ବିଷେ ଉପ୍‌ରେ ଆଲୋଚନା କରାଯିବାର୍ ସହେତେ ଖାଦ୍ୟ ନିରାପତା ଆଉ ଚିରନ୍ତନ୍ କୃଷି ପଦ୍ଧତି ଆଉ ହଜିଯାଉଥିବା ଖାଦ୍ୟର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ତହଁକାଯିବା । ଇ ସମ୍ମିଳନୀଥି ଶ୍ରୀଅନ୍ନ ଆଉ ଲୋପ୍ ପାଇଯାଉଥିବା ଫସଲ୍, ଇତାର୍ ପ୍ରକ୍ରିୟାକରଣ୍ ଆଉ ପ୍ରୋତ୍ସାହନ୍ ଆଧାରିତ୍ ଭିନ୍ ଭିନ୍ ବିଷୟବସ୍ତୁକେ ନେଇକରି ୧୧ ଟା ଅଧିବେଶନ୍ ହେବା ବଲି ସେ କହିଛନ୍ ।

## ସର୍ବଭାରତୀୟ ପୁଲିସ୍ ଡିଜି, ଆଇଜି ସମ୍ମିଳନୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଆଏବା ୨୯ ତାରିଖ୍‌ନୁ ସର୍ବଭାରତୀୟ ପୁଲିସ୍ ଡିଜି ଆର୍ ଆଇଜି ସମ୍ମିଳନୀ ହେବା । ଇ ସମ୍ମିଳନୀ ଡିସେମ୍ବର୍ ୧ ତାରିଖ୍ ତକ୍ ୩ ଦିନ୍ ଧରିକରି ଚାଲ୍‌ବା । ଇଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ଆର୍ କେନ୍ଦ୍ର ଗୃହ ମନ୍ତ୍ରଣାଳୟର୍ ବରିଷ୍ଠ ପୁଲିସ୍ ପଦାଧିକାରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଡି.ଜି. ଆର୍ ବରିଷ୍ଠ ଅଧିକାରୀଙ୍କୁ ମିଶେଇକରି ଶହେ ୬୦ ଝନ୍ ଆଇପିଏସ୍ ଅଧିକାରୀ ଭିଲ୍ ଉପସ୍ଥିତ୍ ରହେବେ ।

## ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ    ଆର୍‌ଏନ୍‌ୟୁ /ସମ୍ବଲପୁର

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ବିଭାଗ୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନା ମାନ୍‌କର୍ କାର୍ଯ୍ୟକାରିତା ଆଉ ସୁଫଲ୍ ବାବ୍‌ଦେ ଗଲାକାଏଲ୍ ସମୀକ୍ଷା କରିଛନ୍ । ଭୁବ୍‌ନେଶ୍ୱର୍‌ର ପ୍ରାଣୀ ଚିକିତ୍ସିକ ପ୍ରଶିକ୍ଷଣ

ପ୍ରତିଷ୍ଠାନ୍ ନ ହେଇଥିବା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ଭିନ୍ ଭିନ୍ ଯୋଜ୍‌ନାଥି ଧାରିଜ୍ ଲକ୍ଷ୍ୟର୍ ଶତ ପ୍ରତିଶତ୍ ସଫଲତା ହାସଲ୍ ଲାଗି ଅଏତ୍‌କାନୁ ଅଏତ୍‌କା କାର୍ଯ୍ୟାଦେଶ୍ ଦେବାର୍ ଉପ୍‌ରେ ଜୋର୍ ଦେଇଛନ୍ । ପ୍ରାଣୀ କଲ୍ୟାଣ୍ କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କର୍‌ବାର୍‌କେ ଅସହାୟ ପ୍ରାଣୀଙ୍କର୍ ଲାଗି ନୂଆଁ ଗୋଶାଲା ଆଉ ଆଶ୍ରୟସ୍ଥଲ ପ୍ରତିଷ୍ଠା, ଅଏତ୍‌କା ପ୍ରାଣୀ ଆମ୍ବୁଲେନ୍ସର ବ୍ୟବସ୍ଥା, ପଞ୍ଜିକୃତ ସବୁ ଗୋଶାଲାକେ ଅନୁଦାନ୍ ବ୍ୟବସ୍ଥା ସୁନିଶ୍ଚିତ୍ କର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିଲେ । ଗାଁଗହଲିର୍ ଚାଷୀମାନ୍‌କର୍ ପାଖେ ଯୋଜ୍‌ନାର୍ ସୁଫଲ୍ ପୁହୁଁଚାବାର୍‌କେ ଯୋଜ୍‌ନା ବ୍ୟୟ ବଢ଼ାବାର୍ ଲାଗି ସେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ଧାନ୍ ଘିନା ସମ୍ବଲପୁର/ନୂଆପଡ଼ା/ବର୍‌ଗଡ଼୍

ସମ୍ବାଦଦାତା

ଉତରାଂଚଲ ରାଜସ୍ୱ କମିଶନର୍ ସଚିନ କୁମାର୍ ଯାଦବ୍ ସମ୍ବଲ୍‌ପୁର୍ ଠାନେ ଆଭାସୀ ଜରିଏ ଧାନ୍ ଘିନା ବାବ୍‌ଦେ ସମୀକ୍ଷା କରିଛନ୍ । ଚାଷୀମାନେ ଯେନ୍ତା କେନ୍‌ସି ଅସୁବିଧା ନାଇଁ ପାଇକରି ଠିକ୍ ଭାବେ ନିଜର୍ ଧାନ୍ ବିକି ପାର୍‌ବେ ସେ ଉପ୍‌ରେ

ଧାନ୍ ଦେବାର୍‌କେ ଶ୍ରୀ ଯାଦବ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲା ସଦର୍ ମହକୁମାର ସଦ୍‌ଭାବନା ଗୃହ ନ ଜିଲ୍ଲା ଖରିଫ୍ ୨୦୨୪-୨୫ ଧାନ୍ ଘିନାବିକାଶ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲା ନ ୧୭ ଲାଖ୍ ୮୬ ହଜାର୍ କୁଇଂଟାଲ୍ ଧାନ୍ ଘିନାଯିବାର୍ ଲକ୍ଷ୍ୟ ରହିଛେ । ୨୬ ଟା ପେକ୍ସ ୭୬ ଟା ମଣ୍ଡି ନ ଧାନ୍ ଘିନ୍‌ବେ । ସେନ୍ତା ୧୩ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ୍ ଘିନ୍‌ବେ ଆର୍ ସବୁ ମଣ୍ଡି ନ ସିସିଟିଭି ଲଗାଯିବାରକେ ବୈଠକ୍‌ଥି ନିଷ୍ପତି ହେଇଛେ ।

ଇତାର୍‌ଛଡ଼ା ବର୍‌ଗଡ଼୍ ନ ଭିଲ୍ ଜିଲ୍ଲାସ୍ତରୀୟ ଧାନ୍‌ଘିନା କମିଟି ବୈଠକ୍ ହେଇଯାଇଛେ । ଇଥିର୍‌ଲାଗି ଦର୍‌କାରୀ ପ୍ରସ୍ତୁତି କର୍‌ବାର୍ ଲାଗି ସବୁ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ନିର୍ଦ୍ଦେଶ୍ ଦେବାର୍ ସହେତେ ପ୍ରଶାସନ୍‌ର ଆଦେଶ୍ ଖିଲାପ୍ କରୁଥିବା ଅଧିକାରୀ, ମିଲର୍ ଆଉ ଦଲାଲ୍ ମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍  ଗ୍ରହଣ୍ କର୍‌ବାର୍ ଲାଗି ଚାଷୀମାନ୍‌କୁ ପ୍ରତିଶ୍ରୁତି ଦେଇଛନ୍ ।

ଏସ୍‌ସିବି ଡାକ୍ତର୍- ଡେପୁଟେସନ୍ ରଦ୍ଦ     ଆର୍‌ଏନ୍‌ୟୁ

/ସମ୍ବଲପୁର

କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍‌ର ୟୁରୋଲୋଜି ବିଭାଗ୍‌ର ସହକାରୀ ପ୍ରଫେସର୍ ଡାକ୍ତର୍ ପିତାମ୍ବର୍ ବେହୁରିଆଙ୍କର୍ ଡେପୁଟେସନ୍‌କେ ରଦ୍ଦ କରିଦିଆଯାଇଛେ । ୟୁରୋଲୋଜି ବିଭାଗ୍‌ର ଆଉଟ୍‌ଡୋର୍ ରୋଗୀମାନ୍‌କୁ ଠିକ୍ ସ୍ୱାସ୍ଥ୍ୟସେବା ଯୁଗେଇ ନାଇଁ ଦେବାର୍ ଅଭିଯୋଗ୍‌ର ଅନୁସନ୍ଧାନ୍ କରିକରି ଇ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯାଇଛେ । ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସା ଯୁଗେଇ ଦେବାର୍‌ଥି କେନ୍‌ସି ଚିକିତ୍ସକ କି କର୍ମଚାରୀ ସ୍ୱାସ୍ଥ୍ୟସେବା ଯୁଗାବାର୍‌ଥି ଅବହେଳା କଲେ ତାଙ୍କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସତର୍କ କରାଯାଇଛେ ।